# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 14th March – 2025

*************************************

## ମୁଖ୍ୟ ସମ୍ବାଦ

- ପବିତ୍ର ଦୋଳପୂର୍ଣ୍ଣିମା ଅବସରରେ ଶ୍ରୀମନ୍ଦିରରେ ଶ୍ରୀଜୀଉମାନେ ସୁନାବେଶରେ ଭକ୍ତଙ୍କୁ ଦେଉଛନ୍ତି ଦର୍ଶନ
- ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜନ୍ମସ୍ଥଳି ଓ କର୍ମସ୍ଥଳିର ଉନ୍ନତୀକରଣ କରାଯିବ; କହିଲେ, ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ
- ବୁର୍ଲାସ୍ଥିତ ବୀରସୁରେନ୍ଦ୍ର ସାଏ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟରେ ଛାତ୍ରମୃତ୍ୟୁପରେ କର୍ତ୍ତୃପକ୍ଷ ଜାରି କଲେ କଟକଣା

ଏବଂ

- ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି; ୩ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ

## ଶ୍ରୀମନ୍ଦିରରେ ଦୋଳ ଉତ୍ସବ

ପବିତ୍ର ଦୋଳପୂର୍ଣ୍ଣିମୀ ଅବସରରେ ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉମାନେ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ଏହି ଦୁର୍ଲଭ ବେଶ ଦର୍ଶନ ନେଇ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଛି। ସେହିପରି ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ଭୂଦେବୀ ଓ ଶ୍ରୀଦେବୀ ଦୋଳବେଦୀରେ ବିଜେ ହୋଇ ଭକ୍ତମାନଙ୍କ ସହ ଫଗୁ ଖେଳୁଛନ୍ତି। ଶ୍ରୀମନ୍ଦିରରେ ପାଳିତ ହେଉଥିବା ଦ୍ୱାଦଶ ଯାତ୍ରା ମଧ୍ୟରେ ଦୋଳଉତ୍ସବ ଏକ ପ୍ରମୁଖ ଯାତ୍ରା। ବିଶ୍ୱାସ ରହିଛି, ଆଜି ମହାପ୍ରଭୁଙ୍କୁ ଦର୍ଶନ କଲେ ଅଶେଷ ପୂଣ୍ୟ ମିଳିଥାଏ। ପୁରୀରେ ଦୋଳପୂର୍ଣ୍ଣିମା ଅବସରରେ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା କହନ୍ତି......

-V/O-

## ଦୋଳ ହୋଲି

ଫଗୁ ଦଶମୀରୁ ଆରମ୍ଭ ହୋଇଥିବା ଦୋଳଯାତ୍ରା ଆଜି ଦୋଳପୂର୍ଣ୍ଣମୀରେ ରାଧାକୃଷ୍ଣ ମନ୍ଦିର କିମ୍ବା ଶ୍ରୀଜଗନ୍ନାଥ ମନ୍ଦିରର ଚଳନ୍ତି ପ୍ରତିମାଙ୍କୁ ଦୋଳ ବା ବିମାନରେ ବସାଇ ଦୋଳ ମେଳଣ କରାଯାଇଥାଏ । ଓଡ଼ିଆ ଜ୍ୟୋତିର୍ବିଦ୍‌ଙ୍କ ତଥ୍ୟ ଅନୁସାରେ, ଦୀର୍ଘ ୮ଶହ ବର୍ଷ ତଳୁ ଓଡ଼ିଶାରେ ଦୋଳ ପର୍ବ ପାଳିତ ହୋଇ ଆସୁଛି । ଏହି ପର୍ବ ୫ ଦିନ ପାଳିତ ହୋଇଥିବାରୁ ଏହାକୁ ରଜଦୋଳ ବା ପଞ୍ଚୁଦୋଳ କୁହାଯାଏ ।

ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ସମଲେଇଙ୍କ ପୀଠରେ  ଦୋଳପୂର୍ଣ୍ଣିମା ଅବସରରେ ଗୁଡ଼ିଁଖାଇ ପର୍ବ ପାଳିତ ହୋଇଯାଇଛି । ଏହି ପର୍ବରେ ଜଙ୍ଗଲଜାତ ଦ୍ରବ୍ୟର ପ୍ରଥମ ପରସକୁ ମା' ସମଲେଇଙ୍କଠାରେ ଅର୍ପଣ କରାଯିବା ସହ ନିଜ ଘରେ ଇଷ୍ଟଦେବୀଙ୍କଠାରେ ଏହା ଲାଗି କରାଯାଏ ।

## ମୁନ୍‌ସୀ ମେଳଣ

**ଭଦ୍ରକ** ଜିଲ୍ଲାର ବିଭିନ୍ନ ସ୍ଥାନରେ ଦୋଳ ବିମାନ ଗ୍ରାମ ପରିକ୍ରମା କରୁଛି । ଜିଲ୍ଲାର ଭଣ୍ଡାରିପୋଖରିରେ ୧୯୪୨ ମସିହାରୁ ଚାଲିଥିବା ପୁରାତନ ମୁନ୍‌ସୀ ମେଳଣ, ୩୦୦ ବର୍ଷରୁ ଊର୍ଦ୍ଧ୍ୱ ତିହିଡିର କାଳୀମେଘା ମେଳଣ, ରାମଗଡ଼, ଚାନ୍ଦବାଲି, ମଡ୍ରୋର ଦେଶ, ଘଣ୍ଟେଶ୍ୱର, ଲୁଣିଆ ଆଦି ସ୍ଥାନର ସୁସଜ୍ଜିତ ବିମାନରେ ରାଧାକୃଷ୍ଣଙ୍କର ବିଗ୍ରହକୁ ନିଆଯାଇ ଗ୍ରାମ ପରିକ୍ରମା କରାଯାଇଛି ।

## ଫୋର୍ସ୍ ମୁତୟନ

ହୋଲି ପର୍ବରେ ଦୁର୍ଘଟଣା ରୋକିବା ପାଇଁ ରାଜ୍ୟ ଅଗ୍ନିଶମ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । କଟକ-ଭୁବନେଶ୍ୱର ପାଇଁ ଅଧିକ ଫୋର୍ସ୍ ମୁତୟନ କରାଯାଇଛି । ଏହି ଦୁଇଟି ସହରର ଅତି ସମ୍ବେଦନଶୀଳ  ଓ ଦୁର୍ଘଟଣାବହୁଳ ଜଳାଶୟ ନିକଟରେ  ଫୋର୍ସ୍ ମୁତୟନ ହେବେ । ଭୁବନେଶ୍ୱରରେ ୫ଟି ଓ କଟକରେ ୩ଟି ଅତିରିକ୍ତ ଦଳ ନଦୀ ଘାଟରେ ମୁତୟନ ରହିବେ । ଏହା ବ୍ୟତୀତ ପ୍ରତି ଜିଲ୍ଲାର ସଦର ମହକୁମାରେ ଗୋଟିଏ ଲେଖାଏଁ ଦଳ ନଦୀଘାଟରେ ମୁତୟନ ରହିବେ । ମୋଟ୍ ୩୪୫ ଅଗ୍ନିଶମ ଦଳ ସାରା ରାଜ୍ୟରେ ମୁତୟନ ରହିବେ । ଦିନ ୧୨ଟାରୁ ଗୋଟାଏ ସୁଦ୍ଧା ହୋଲି

ଖେଳ ସାରିବାକୁ ଡିସିପି ହୃଷିକେଶ ଖିଲାରୀ ପରାମର୍ଶ ଦେଇଛନ୍ତି । ଡିସିପି ଶ୍ରୀ ଖିଲାରୀ କହିଛନ୍ତି, ନିଶାଦ୍ରବ୍ୟ ସେବନ କରି ରାସ୍ତାରେ ବିଶୃଙ୍ଖଳା ସୃଷ୍ଟି କଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । ବେଆଇନ୍ ରଙ୍ଗ ବିକ୍ରୀ କରୁଥିବା ବ୍ୟବସାୟୀଙ୍କ ବିରୋଧରେ ପୋଲିସ୍ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିସିପି କହିଛନ୍ତି ।  ଆଜି ସନ୍ଧ୍ୟାରେ କମିଶନରେଟ୍ ପୁଲିସ୍ ପକ୍ଷରୁ କଟକରେ ଫ୍ଲାଗ୍‌ମାର୍ଚ୍ଚ କରାଯିବ ।

## ପୃଥ୍ୱୀରାଜ ହରିଚନ୍ଦନ

ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନଠାରୁ ସ୍ୱାଧୀନତା ସଂଗ୍ରାମ ପର୍ଯ୍ୟନ୍ତ ସବୁଠି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ବୋଲି ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଭୁବନେଶ୍ୱରରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ମଧୁବାବୁଙ୍କ ଜନ୍ମସ୍ଥଳି ଓ କର୍ମସ୍ଥଳିକୁ ଆଗାମୀ ଦିନରେ ନବୀକରଣ କରାଯିବ । ମଧୁବାବୁଙ୍କ ଜନ୍ମଭୂମି, ଏନ୍ତୁଡିଶାଳ, ମଧୁକୋଠୀ ଏବଂ କର୍ମସ୍ଥଳି ଆଦିର ଉନ୍ନତୀକରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ମନ୍ତ୍ରୀ ବୈଠକରେ ଆଲୋଚନା କରିଛନ୍ତି । ଏହାସହ ଏକ ପାର୍କିଂସ୍ଥଳି, ଲାଇବ୍ରେରୀ, ବହୁମୁଖୀ କେନ୍ଦ୍ର ଓ ଦୃଶ୍ୟଶ୍ରାବ୍ୟ ଗୃହର ନିର୍ମାଣ ପାଇଁ ବୈଠକରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ବୈଠକରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଓ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ

ଭାଓସାହେବ ସିନ୍ଦେଙ୍କ ସମେତ ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ହୀରାକୁଦ-ଛାତ୍ରମୃତ୍ୟୁ

ବୁର୍ଲାସ୍ଥିତ ବୀରସୁରେନ୍ଦ୍ର ସାଏ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ୭ଟି ସ୍ଥାନକୁ ନଯିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି। ପାୱାରଚାନେଲ୍, ମହାନଦୀ, ସାଇଫନ ସ୍ପିଲ୍‌ୱେ, ଅଠହର ହାଜର ପଏଣ୍ଟ, ରାଇଟ୍ ଡାଇକ୍, ଝଙ୍କରାଣୀ ମନ୍ଦିର, ଫିସେରୀ ପଏଣ୍ଟ ନ ଯିବାକୁ କୁହାଯାଇଛି। ନିର୍ଦ୍ଦେଶ ନ ମାନିଲେ ଛାତ୍ରଛାତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି। ସୂଚନାଯୋଗ୍ୟ, ସିଭିଲ୍ ଇଂଜିନିୟରିଂର ଜଣେ ଛାତ୍ର ହୀରାକୁଦ ଡ୍ୟାମ୍‌ର ପାୱାର ଚାନେଲକୁ ଗାଧୋଇବାକୁ ଯାଇଥିବାବେଳେ ପାଣିରେ ବୁଡି ପ୍ରାଣ ହରାଇଥିଲେ।

## ମେଟ୍ରୋ ରେଳ ପ୍ରକଳ୍ପ

ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ବିମାନବନ୍ଦରରୁ ତ୍ରିଶୂଳିଆ ଛକ ପର୍ଯ୍ୟନ୍ତ ପ୍ରାୟ ୨୬ କିଲୋମିଟର ମେଟ୍ରୋ ଚଳାଚଳ କରିବ। ଏହା ମଧ୍ୟରେ ୨୦ଟି ମେଟ୍ରୋ ରେଳ ଷ୍ଟେସନ୍ ରହିବ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି। ରେଳ ପ୍ରକଳ୍ପ ପାଇଁ ୬ ହଜାର ୨୫୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବାବେଳେ ୨୦୨୭ ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ମେଟ୍ରୋର

ନିର୍ଦ୍ଧାରିତ ଗତିପଥ ଓ ଆବଶ୍ୟକ ପରିବର୍ତ୍ତନ ସମ୍ପର୍କରେ ବିଚାର ବିମର୍ଶ ଚାଲିଛି ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି।

## ୱେଭ୍ସ୍

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିଶ୍ୱ ଦୃଶ୍ୟଶ୍ରାବ୍ୟ ଓ ମନୋରଂଜନ ସମ୍ମିଳନୀ ୨୦୨୫ ପାଇଁ ଏକ ବିଲିୟନ୍ ଡଲାର୍ ପାଣ୍ଠି ଘୋଷଣା କରିଛନ୍ତି। ଆସନ୍ତା ମେ ମାସ ୧ରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ନିର୍ମାତାମାନଙ୍କୁ ଉଚ୍ଚଗୁଣବତ୍ତା ସମ୍ପନ୍ନ ବିଷୟବସ୍ତୁ ସୃଷ୍ଟି କରିବା ଲାଗି ମଞ୍ଚ ପ୍ରଦାନ କରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି। ନୂଆଦିଲ୍ଲୀରେ ଆୟୋଜିତ ଏ ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ଅଧିବେଶନରେ ଯୋଗଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ମୁମ୍ବାଇର ଗୋରେଗାଓଁ ସ୍ଥିତ ଫିଲ୍ମ ସିଟି ନିକଟରେ ପ୍ରଥମ ଭାରତୀୟ କ୍ରିଏଟିଭ୍ ଟେକ୍ନୋଲୋଜି ପ୍ରତିଷ୍ଠାନ ପ୍ରତିଷ୍ଠା କରାଯିବ।

ପ୍ରକୃତି ଜଗତୀକରଣ ଗୋଟିଏ କାହାଣୀ କିମ୍ବା ଗୋଟିଏ ବାସ୍ତବ ବିଷୟବସ୍ତୁ ଆଧାରିତ ନୁହଁ। ବରଂ ସାରା ବିଶ୍ୱର ଲୋକମାନଙ୍କର ବିବିଧତାର ପ୍ରତିଫଳନ। ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, କାହାଣୀ ଏବଂ ମନୋରଂଜନ ସବୁ ସମୟରେ ସମାଜର ଆତ୍ମଚିତ୍ରଣ କରିବା ସହ ଭବିଷ୍ୟତ ପିଢ଼ିକୁ ପ୍ରଭାବିତ କରିଥାଏ।

## ଅସ୍ତ୍ର ପରୀକ୍ଷଣ

ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂସ୍ଥା (ଡିଆରଡିଓ) ସହଯୋଗରେ ଏରୋନେଟିକ୍ାଲ୍ ଡେଭଲପ୍‌ମେଣ୍ଟ ଏଜେନ୍ସି ପକ୍ଷରୁ ଚାନ୍ଦିପୁରସ୍ଥିତ ଏକୀକୃତ ପରୀକ୍ଷଣ କେନ୍ଦ୍ର-ଆଇଟିଆରଠାରେ ସ୍ୱଦେଶୀ ବିକଶିତ କ୍ଷେପଣାସ୍ତ୍ର- 'ଅସ୍ତ୍ର'ର ସଫଳ ପରୀକ୍ଷଣ କରାଯାଇଛି। ସ୍ୱଦେଶୀ ହାଲୁକା ଯୁଦ୍ଧବିମାନ ପ୍ରତିକୃତି - ଏଲ୍‌ସିଏ ତେଜସ୍ ଏ.ଏଫ୍-ଏମ୍.କେ.ଓ୍ୱାନ୍ ଆକାଶରୁ ଆକାଶକୁ ନିକ୍ଷେପ ହେଉଥିବା ଏହି କ୍ଷେପଣାସ୍ତ୍ରର ପରୀକ୍ଷଣ କରାଯାଇଥିଲା।  ତେବେ 'ଅସ୍ତ୍ର' କ୍ଷେପଣାସ୍ତ୍ର ଭାରତୀୟ ବାୟୁସେନାରେ ପୂର୍ବରୁ ନିୟୋଜିତ ହୋଇ ସାରିଥିବା ଡିଆରଡିଓ ପକ୍ଷରୁ ବିଜ୍ଞପ୍ତିରେ କୁହାଯାଇଛି। 'ଅସ୍ତ୍ର'ର ସଫଳ ପରୀକ୍ଷଣକୁ ନେଇ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ଡିଆରଡିଓ, ଏଡିଏ, ହାଲ୍, ଭାରତୀୟ ବାୟୁସେନା ସମେତ ଏଥିରେ ଜଡିତ ସମସ୍ତ ସଂସ୍ଥାକୁ ଶୁଭେଚ୍ଛା ଜଣାଇବା ସହ ପ୍ରଶଂସା କରିଛନ୍ତି।

## ମୋ ବସ୍-ସିସିଟିଭି

'ମୋ ବସ୍'ରେ ଦୁର୍ଘଟଣା ରୋକିବାକୁ ବସ୍ ସମ୍ମୁଖ ଓ ପଛ ଭାଗରେ ସିସିଟିଭି କ୍ୟାମେରା ଲଗାଯିବ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଆଗାମୀ ଦିନରେ ମୋ ବସ୍‌ର ଚାଳକମାନଙ୍କୁ ଅଧିକ ଦକ୍ଷ କରିବା ପାଇଁ ତାଲିମ ପ୍ରଦାନ କରାଯିବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି। ଗାଡି ଚାଳକମାନଙ୍କୁ ନିଶାଦ୍ରବ୍ୟ ସେବନ କରିବାକୁ ବାରଣ କରାଯିବା ସହ ଏଥିଲାଗି ଦିନକୁ ୩ ଥର ଯାଞ୍ଚ କରାଯାଉଛି। ୭ଟି ମାମଲାରେ 'ମୋ ବସ୍' ଚାଳକଙ୍କୁ ବରଖାସ୍ତ କରାଯାଇଥିବାବେଳେ ସେମାନଙ୍କ

ଲାଇସେନ୍ସ ବାତିଲ କରିବାକୁ ଆରଟିଓଙ୍କୁ ଚିଠି ଲେଖାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

**ବୌଦ୍ଧ** ଜିଲ୍ଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି  ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ସ୍ୱାସ୍ଥ୍ୟ ଭିତ୍ତିଭୂମିର ତଦାରଖ କରିଛନ୍ତି। ବ୍ଲକ୍‌ର ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଚ୍ଛାପଡା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଗୁନ୍ଦୁଳିଆ ଓ ଶଗଡା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଜିଲ୍ଲାପାଳ ପରିଦର୍ଶନ କରିବା ସହ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏହାସହ ଗ୍ରୀଷ୍ମପ୍ରବାହର ସଠିକ୍ ପରିଚାଳନା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ପାନୀୟ ଜଳ ସୁବିଧା, ଓଆରଏସ୍ ପ୍ୟାକେଟ୍, ଔଷଧ ଓ ଅଂଶୁଘାତ କକ୍ଷ ଆଦି ପ୍ରସ୍ତୁତ ରଖିବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀଙ୍କୁ ଶ୍ରୀ ପଣ୍ଡା ପରାମର୍ଶ ଦେଇଥିଲେ।

## ପାଣିପାଗ

ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇବା ସହ ଅଧିକ ତାତି ଅନୁଭୂତ ହେବା ନେଇ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁମାନ କରିଛି। କେତେକ ସ୍ଥାନରେ ଦିନ ତାପମାତ୍ରା ୨ ରୁ ୩ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ୩ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବାବେଳେ ଦିନର ସର୍ବୋଚ୍ଚ ତାପମାତ୍ରା ୪୧ ଦଶମିକ ୮ ଡିଗ୍ରୀ ସେଲସିୟସ୍ ଝାରସୁଗୁଡ଼ାଠାରେ ରେକର୍ଡ କରାଯାଇଛି।